ପୁରୁଷ ବିଭାଗରେ ସୁଶାନ୍ତ କୁମାର ବାଗ ଓ ମହିଳା ବିଭାଗରେ ଟି଼ଏ ଥୋମାସ ଚାମ୍ପିଅନ

**ବିଶ୍ୱାସର ବାର୍ଷିକ କ୍ରୀଡାରେ ଅନୁରାଧା ବିଶ୍ୱାଳ ଓ ଦିଲୀପ ତିର୍କୀଙ୍କ ଆହ୍ୱାନ**

# ନିଷ୍ଠାପର ଭାବେ ଖେଳ ଓ ଦେଶ ପାଇଁ ସୁନାମ ଆଣ

ଭୁବନେଶ୍ୱର, ୧୭.୦୨ : ଆନ୍ତର୍ଜାତିକ କ୍ରୀଡା କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିବା ପାଇଁ ଆଜିର ଯୁବପୀଢ଼ିଙ୍କ ନିକଟରେ ଅନେକ ସବୁ ସୁଯୋଗ ରହିଛି । ଏଥିପାଇଁ ସେମାନଙ୍କୁ ନିଜର ନିଷ୍ଠା ଓ ଏକାଗ୍ରତା ପ୍ରଦର୍ଶନ କରିବା ଆବଶ୍ୟକ ବୋଲି ଅଲମ୍ପିଆଡ୍ ଶ୍ରୀମତି ଅନୁରାଧା ବିଶ୍ୱାଳ ରାଉତରାୟ କହିଛନ୍ତି । ବୁଧବାର  ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମ ଠାରେ ଅନୁଷ୍ଠିତ ବିଶ୍ୱାସ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁସନ୍ସ ର ବାର୍ଷିକ କ୍ରୀଡାକୁ ଉଦ୍‌ଘାଟନ କରି ଶ୍ରୀମତୀ ବିଶ୍ୱାଳ ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତରେ ଜଣେ ଭଲ କ୍ରୀଡାବିତ୍ ହେବା ପାଇଁ ଉତ୍ସାହିତ କରିଥିଲେ ।

ଉଦ୍‌ଘାଟନ ଉତ୍ସବରେ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ବରିଷ୍ଠ କ୍ରୀଡା ପ୍ରଶାଷକ ଅଶୋକ କୁମାର ମହାନ୍ତି ଛାତ୍ରଛାତ୍ରୀମାନଙ୍କୁ ଅନୁରାଧାଙ୍କ ଭଳି କ୍ରୀଡା ବିତ୍ ହେବାକୁ ଆହ୍ୱାନ ଦେଇଥିଲେ ।

ଉଦ୍‌ଯାପନୀ ସଭାରେ ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ପଦ୍ମଶ୍ରୀ ଦିଲୀପ ତିର୍କୀ ଖେଳାଳି ମାନଙ୍କୁ ନିଜର ଦୀର୍ଘ ଦିନର କ୍ରୀଡା ଅଭିଜ୍ଞତା ବର୍ଣ୍ଣନା କରିବା ସହ ହକିକୁ ଜନାଦୃତ କରିବା ପାଇଁ ସେ କିଭଳି କାର୍ଯ୍ୟ କରୁଛନ୍ତି ସେ ସଂପର୍କରେ ସୂଚନା ଦେଇଥିଲେ । ରାଜ୍ୟ କ୍ରିଡା ଓ ଯୁବ କଲ୍ୟାଣ ନିର୍ଦ୍ଦେଶକ ଡଃ. ପ୍ରଶାନ୍ତ କୁମାର ପ୍ରଧାନ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଏକ ଶୃଙ୍ଖଳିତ କ୍ରୀଡା ଯୋଜନା ମାଧମରେ କିଭଳି ଭଲ କ୍ୟାରିୟର ଗଠନ କରାଯାଇପାରିବ ସେ ବିଷୟରେ ସୂଚନା ଦେଇଥିଲେ ।

ମ୍ରାଚର ପୁରୁଷ ବିଭାଗରେ ସୁଶାନ୍ତ କୁମାର ବାଗ ଓ ମହିଳା ବିଭାଗରେ ଟି଼ଏ ଥୋମାସ ଚାମ୍ପିଅନ ହୋଇଥିଲେ ।

ଆଜି ହୋଇଥିବା ଖେଳ ଗୁଡିକ ମଧରେ ୧୦୦ ମିଟର, ୨୦୦ମିଟର, ଲଙ୍ଗଜମ୍ପ, ସର୍ଟପୁଟ, ଡିସ୍କସ ଥ୍ରୋଓ ୪୦୦ ମିଟର ରିଲେ ଦୌଡ ସମସ୍ତଙ୍କୁ ଆକର୍ଷିତ କରିଥିଲା । ପୁରୁଷ ସର୍ଟପୁଟରେ ଏମ୍. ଏଫ୍. ସି ର ଆଲୋକ କୁମାର ପାତ୍ର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ନିରଜ ନଳିନୀ ମଲିକ ଦ୍ୱିତୀୟ ଓ ରାଜା ଆଇଚ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିଭଳି ପୁରୁଷ ୧୦୦ ମିଟର ଦୌଡରେ ସୁଶାନ୍ତ କୁମାର ବାଗ ପ୍ରଥମ ହୋଇଥିବା ବେଳେ ସୋମେସ ରାଜ ସିହଦେଓ ଦ୍ୱିତୀୟ ଓ ଶଶାଙ୍କ ଶେଖର ସାମନ୍ତରାୟ ତୃତୀୟ ସ୍ଥାନ ଅଧିକାର କରିଥିଲେ ।

ଗତକାଲି ଅନୁଷ୍ଠିତ ହୋଇଥିବା କ୍ରିକେଟ ମ୍ୟାଚରେ ଏମ. ଏଫ. ସି ପ୍ରଥମ ବର୍ଷ ଦଳକୁ ହରାଇ ବି.ବି.ଏ ଦଳ ଚମ୍ପିଆନ ଟ୍ରଫି ହାସଲ କରିଥିଲେ । ବିଜୟୀ ବି. ବି. ଏ ଦଳ ୯୫ ରନ୍ କରିଚାମ୍ପିୟନ ହୋଇଥିଲେ ।ରନର୍ସ ଅପ ହୋଇଥିବା ଏମ. ଏଫ. ସି ଦଳ ୧୦ ଓଭରରେ ମାତ୍ର ୯୪ରନ କରିଥିଲେ । ସେହିଭଳି ଭଲି ବଲ ଏମ. ଏସ. ଡବ୍ଲ୍ୟୁ ଏକ ଆକର୍ଷଣୀୟ ମ୍ୟାଚ୍‌ରେ ବି. ଏସ୍. ଡବ୍ଲ୍ୟୁ କୁ ହରାଇ ଚାମ୍ପିୟନ ହୋଇଥିଲେ ।

ଖେଳ ଶେଷରେ ବିଶ୍ୱାସ ଗ୍ରୁପର ଅଧକ୍ଷା ଶ୍ରୀମତୀ ପ୍ରତିମା ଘଡାଇ ବିଜୟୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ । ଆଜିର ଖେଳ ଗୁଡିକୁ ପ୍ରଫେସର ଚିଦାନନ୍ଦ ପାତ୍ର ପରିଚାଳନା କରିଥିଲେ ।

୨୦୦ମି ପୁରୁଷ- ସୁଶାନ୍ତ କୁମାର ବାଗ, ସୋମେସ ରାଜ ସିହଦେ.ସନ୍ତୋଷ କୁମାର ସାହୁ

ରଙ୍ଗ ଚମ୍ପ- ସୁଶାନ୍ତ କୁମାର ବାଗ.ଏମ୍.ଡି.ଅମିର,ସପନ କୁମାର ନାୟକ

୧୦୦/୪ ରିଲେ-